**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**12 November - 2024**

**News Editor : *Itishree Singh Rathaur***

# ଆନ୍ତଃରାଜ୍ୟ ପରିଷଦ

ଆନ୍ତଃରାଜ୍ୟ ପରିଷଦ ଷ୍ଟାଣ୍ଡିଂ କମିଟିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୨ଜଣ ସଦସ୍ୟ ଅଛନ୍ତି । ଆନ୍ତଃରାଜ୍ୟ ବିବାଦ ଏବଂ ଆନ୍ତଃରାଜ୍ୟ ସଂପର୍କକୁ ନେଇ ଉପୁଜୁଥିବା ଆହ୍ୱାନଗୁଡ଼ିକର ସମାଧାନ ଦିଗରେ ଏହି କମିଟି କାର୍ଯ୍ୟ କରିଥାଏ । ବିଶେଷକରି ଜଳବିବାଦ, ସୀମା ବିବାଦ ଆଦି ପ୍ରସଙ୍ଗ ଏଥିରେ ଆଲୋଚନା ହୋଇଥାଏ ।

# ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀଠାରେ ଆଜି ଆୟୋଜିତ ହେବାକୁ ଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନର ନୂଆ ୱେବ୍‌ସାଇଟ୍‌ ଲୋକାର୍ପଣ ସମାରୋହରେ ଯୋଗଦେବେ । ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ବିମାନ ବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା

କରିବେ । ଏହି କାର୍ଯ୍ୟକ୍ରମରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ସୂଚନାଯୋଗ୍ୟ ଆସନ୍ତା ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବ ।

# ଧର୍ମେନ୍ଦ୍ର ପ୍ରଧାନ

ଜାତୀୟ ଶିକ୍ଷାନୀତି ଭାରତୀୟତା ମୂଲ୍ୟବୋଧ ଉପରେ ଆଧାରିତ ବୋଲି କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭବିଷ୍ୟତର ଶିକ୍ଷା ବ୍ୟବସ୍ଥାକୁ ପ୍ରସ୍ତୁତ କରିବା ଦିଗରେ ଏହା ଏକ ଅନନ୍ୟ ପଦକ୍ଷେପ । ଗୁଜରାଟର ସୁରଟ ଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନକୁ ନିଶ୍ଚୟ ପୂରଣ କରାଯିବ । ଚରିତ୍ର ନିର୍ମାଣ ଏବଂ ଦକ୍ଷତା ବୃଦ୍ଧି କରିବା ହେଉଛି ଶିକ୍ଷାର ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ରାଜ୍ୟସ୍ତରୀୟ ସୁରଭି

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜିଠାରୁ ରାଜ୍ୟସ୍ତରୀୟ ଶିଶୁମହୋତ୍ସବ 'ସୁରଭି' ଆରମ୍ଭ ହେଉଛି । ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲ୍ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମାପନ ସମାରୋହରେ ଯୋଗ ଦେବେ ବୋଲି ସୂଚନା

ମିଳିଛି ।ଏଥିରେ ବ୍ଲକ୍ ଓ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନିଦିନିଆ ମହୋତ୍ସବରେ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ୍କାର, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ପଞ୍ଚୁକ ବ୍ରତ

କାର୍ତ୍ତିକ ମାସର ପଞ୍ଚୁକ ବ୍ରତ ଆଜିଠାରୁ ଆରମ୍ଭ ହୋଇଛି । ରାଜ୍ୟର ଶୈବପୀଠ ଗୁଡ଼ିକରେ ଏଥିପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । ଚଳିତ ବର୍ଷ ଏହି ବ୍ରତ ପାଞ୍ଚଦିନ ପରିବର୍ତ୍ତେ ୪ ଦିନ ପାଳିତ ହେଉଛି । ମହାପ୍ରଭୁ ୪ ଦିନରେ ୪ଟି ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ବଡ଼ଏକାଦଶୀ ତିଥିରେ ଆଜି ଲକ୍ଷ୍ମୀନାରାୟଣ ବେଶ, ଆସନ୍ତାକାଲି ବାଙ୍କଚୂଡ଼ା ବା ବାମନ ବେଶ, ୧୪ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ ଓ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣମୀରେ ମହାପ୍ରଭୁ ରାଜାଧିରାଜ ବେଶ ବା ସୁନାବେଶରେ ଦର୍ଶନ ଦେବେ । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ମରିଚିକୋଟ ଛକରୁ ନିର୍ମାଣ ହୋଇଥିବା ବ୍ୟାରିକେଡ୍ ମାଧ୍ୟମରେ ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବେ । ମାର୍କେଟ ଛକଠାରୁ ଗାଡ଼ି ଚଳାଚଳ ଉପରେ କଟକଣା ଜାରି ହେବା ସହ ସମୁଦ୍ର ଏବଂ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଲାଇଫ୍ ଗାର୍ଡ ଓ ପୁଲିସ୍ କର୍ମଚାରୀଙ୍କୁ ମୁତୟନ କରାଯାଇଛି ।

ସେହିଭଳି କଟକର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ପଞ୍ଚୁକ ବ୍ରତ ଓ ବଡ଼ଓଷା ଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆସନ୍ତାକାଲି ବଡ଼ଓଷା ଏବଂ ଗୁରୁବାର ୧୪ ତାରିଖରେ ଗଜଭୋଗ ବିତରଣ କରାଯିବ।

## କଳା ଉତ୍ସବ

ପଞ୍ଚମ ଜାତୀୟ ସାଂସ୍କୃତିକ, ସାହିତ୍ୟ ଏବଂ କଳା ଉତ୍ସବ ଆଜିଠାରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ଜାତୀୟ ଶିକ୍ଷା ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଓ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉ୍ଇକେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଚଳିତବର୍ଷ କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି **ଭଗବାନ ବିର୍ସାମୁଣ୍ଡା ଓ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି** । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୨ ହଜାରରୁ ଅଧିକ ଆଦିବାସୀ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ ।

## ଲୋକସେବା ପ୍ରସାରଣ ଦିବସ

ଲୋକସେବା ପ୍ରସାରଣ ଦିବସ ଆଜି ପାଳନ କରାଯାଉଛି । ୧୯୪୭ ମସିହା ଆଜିର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଆକାଶବାଣୀର ଦିଲ୍ଲୀ ଷ୍ଟୁଡିଓରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରିଥିଲେ । ଏହାର ସ୍ମୃତି ସ୍ୱରୂପ ପ୍ରତ୍ୟେକ ବର୍ଷ ନଭେମ୍ବର ୧୨ ତାରିଖକୁ ଲୋକସେବା

ପ୍ରସାରଣ ଦିବସ ଭାବେ ପାଳନ କରାଯାଉଛି । ଶିକ୍ଷା, ସୂଚନା ଓ ମନୋରଂଜନ ସହିତ ରାଷ୍ଟ୍ରହିତ ଏବଂ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଲୋକସେବା ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ୱେଲ୍‌ନେସ୍ ସେଣ୍ଟର

ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସମ୍ବଲପୁର ସହରରେ ରାଜ୍ୟର ଦ୍ୱିତୀୟ ହେଲ୍‌ଥ ୱେଲ୍‌ନେସ୍ ସେଣ୍ଟର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଯୋଜନା-ସିଜିଏଚ୍‌ଏସ୍ ପକ୍ଷରୁ ଏହି ସେଣ୍ଟର ନିମନ୍ତେ ଟେଲିକମ୍, ଡାକ ଏବଂ ଆୟକର ବିଭାଗକୁ ସ୍ଥାନ ଚିହ୍ନଟ ପାଇଁ କୁହାଯାଇଛି । ଖୁବ୍‌ଶୀଘ୍ର କେନ୍ଦ୍ରୀୟ ପ୍ରତିନିଧିଙ୍କ ସହ ଏ ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହେବ ବୋଲି ସିଜିଏଚ୍‌ଏସ୍‌ର ଅତିରିକ୍ତ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଭୁବନେଶ୍ୱରଠାରେ ରାଜ୍ୟର ପ୍ରଥମ ହେଲ୍‌ଥ ୱେଲ୍‌ନେସ୍ ସେଣ୍ଟର କାର୍ଯ୍ୟ କରୁଛି ।